**ଓଡ଼ିଶା ସରକାର**
**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା**

No. **23130** / A&FE Dated: **22.12.2018**
AP-I-247/2018

## ବିଜ୍ଞପ୍ତି

**ବିଷୟ: କୃଷକ କଲ୍ୟାଣ କାର୍ଯ୍ୟକ୍ରମ/ପ୍ୟାକେଜ୍ - ଜୀବିକା ଓ ଆୟବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା (କାଳିଆ) ।**

ରାଜ୍ୟର କୃଷିର ବିକାଶ ଏବଂ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ତାଙ୍କର ୨୧ ଡିସେମ୍ବର ୨୦୧୮ ତାରିଖରେ ଅନୁଷ୍ଠିତ ୬୫ତମ ସଭାରେ କୃଷକ କଲ୍ୟାଣ ପାଇଁ "ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା (କାଳିଆ)କୁ ଅନୁମୋଦନ କରିଛନ୍ତି । ଏହା ଏକ ପ୍ରଗତିଶୀଳ ତଥା କୃଷକଙ୍କୁ ମୁଖ୍ୟ ସ୍ରୋତରେ ସମ୍ମିଳିତ କରିବା ଭଳି ଯୋଜନା । ଏଥିରେ ରାଜ୍ୟର ଶତକଡ଼ା ୯୨ ଭାଗ ଚାଷୀ, ଋଣୀ ଓ ଅଣଋଣୀ ଚାଷୀ, ଭାଗଚାଷୀ (ପ୍ରକୃତ ଚାଷୀ) ଏବଂ ଭୂମିହୀନ କୃଷି ଶ୍ରମିକ ଅନ୍ତର୍ଭୁକ୍ତ । ଏହି ଯୋଜନାରେ ଗ୍ରାମ ପଞ୍ଚାୟତ ଦ୍ୱାରା ଚିହ୍ନିତ ଦୁର୍ବଳ କୃଷି ପରିବାରଙ୍କ ସ୍ୱାର୍ଥକୁ ବିଶେଷ ଧ୍ୟାନ ଦିଆଯାଇଛି ଏବଂ ବିନା ସୁଧରେ କୃଷି ଋଣ ଦେବାର ବ୍ୟବସ୍ଥା କରାଯାଇଛି ।

## ଉପକ୍ରମ

କୃଷି, ରାଜ୍ୟର ଅଧିକାଂଶ ଜନସଂଖ୍ୟାର ସାମାଜିକ ଓ ଆର୍ଥିକ ପ୍ରଗତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ଏବଂ ରାଜ୍ୟର ଶତକଡ଼ା ୬୦ ଭାଗ କାର୍ଯ୍ୟବଳ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଏହା ଉପରେ ନିର୍ଭରଶୀଳ । ୨୦୦୪-୦୫ ଏବଂ ୨୦୧୧-୧୨ ମଧ୍ୟରେ ଓଡ଼ିଶା ଦେଶର ପ୍ରମୁଖ ରାଜ୍ୟ ଗୁଡ଼ିକ ମଧ୍ୟରେ ସର୍ବାଧିକ ୨୪.୬୧% ଦାରିଦ୍ର୍ୟ ଦୂରୀକରଣ କରିବାରେ ସକ୍ଷମ ହୋଇପାରିଛି । ଏହି ସମୟ ମଧ୍ୟରେ ପ୍ରାୟ ୮୦ ଲକ୍ଷ ପରିବାରଙ୍କୁ ଦାରିଦ୍ର୍ୟ ସୀମାରୁ ଉର୍ଦ୍ଧ୍ୱକୁ ଅଣାଯାଇ ପାରିଛି । ପୁନଶ୍ଚ ଏହି ପ୍ରାଥମିକ କ୍ଷେତ୍ରରେ ନିୟୋଜିତ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉର୍ଦ୍ଧ୍ୱକୁ ଆଣିବାକୁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ଏହି କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ ଦ୍ୱାରା ଏବଂ ସମାଜର ସର୍ବାଧିକ ଆବଶ୍ୟକ କରୁଥିବା ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ପହଞ୍ଚାଇ ଦାରିଦ୍ର୍ୟ ପ୍ରତ୍ୟକ୍ଷ ଭାବେ ହ୍ରାସ କରାଯାଇ ପାରିବ ।

## ପୃଷ୍ଠଭୂମି

ଓଡ଼ିଶା, ଏକଦା ଯାହାର ଜୀବନ ଓ ଜୀବିକା କୃଷି ଉପରେ ନିର୍ଭରଶୀଳ ଥିଲା, ସେହି କ୍ଷେତ୍ରରେ ଦୃତ ବିକାଶ ଘଟି ଆଜି ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ ହୋଇପାରିଛି । ୨୦୦୧-୦୨ ମସିହା ଠାରୁ ଧାନର ଉତ୍ପାଦନ ଓ ଉତ୍ପାଦକତା ୨ ଗୁଣରୁ ଅଧିକ ହୋଇପାରିଛି । ଅନ୍ୟାନ୍ୟ ଫସଲ, ପନିପରିବା ଏବଂ ଫଳ ଉତ୍ପାଦନରେ ଅନୁରୂପ ଉପଲବ୍ଧି ପରିଲକ୍ଷିତ ହୋଇଛି । ରାଜ୍ୟରେ ୨୦୦୧-୦୨ ଓ ୨୦୧୭-୧୮ ମଧ୍ୟରେ ବାର୍ଷିକ ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ ଯଥାକ୍ରମେ ୨.୮ ଗୁଣ ଓ ୩.୨ ଗୁଣ ବୃଦ୍ଧି ହୋଇଛି । ଏହି ସମୟ ମଧ୍ୟରେ ମାଂସ ଓ ମାଛ ଉତ୍ପାଦନରେ ଯଥାକ୍ରମେ ପ୍ରାୟ ୫ଗୁଣ ଏବଂ ୨.୫ ଗୁଣରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଛି । ସେହିପରି ଚିଙ୍ଗୁଡ଼ି ଓ ସାମୁଦ୍ରିକ ଖାଦ୍ୟ ରପ୍ତାନି ୪.୨ ଗୁଣରୁ ଉର୍ଦ୍ଧ୍ୱ ହୋଇଛି । ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ଯିଏ ଏକ ଦଶନ୍ଧିରେ ବାସ୍ତବ ରୂପେ କୃଷକଙ୍କ ଆୟ ଦ୍ୱିଗୁଣିତ କରିପାରିଛି । କୃଷି କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ପାଇଁ ଜାତୀୟ ସ୍ତରରେ ଆମ ରାଜ୍ୟ ବିଗତ ୭ବର୍ଷରେ ୫ଥର କୃଷି କର୍ମଣ ପୁରସ୍କାରରେ ସମ୍ମାନୀତ ହୋଇଛି ।

ରାଜ୍ୟରେ କୃଷି ଓ କୃଷକର ଉନ୍ନତି ସାଧନ ନିମିତ୍ତ ସରକାର ସର୍ବଦା ତତ୍ପର । ୨୦୧୩-୧୪ ବର୍ଷରୁ କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ଏକ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରଣୟନ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ । ସେବେଠୁ କୃଷି ପାଇଁ ବ୍ୟୟବରାଦ ଅନ୍ୟୁନ ୨.୫ ଗୁଣ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ କୃଷି କ୍ଷେତ୍ରରେ ବିଭିନ୍ନ ଜରୁରୀ ବିଷୟ ଓ ଅନ୍ୟାନ୍ୟ ନୀତିଗତ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟ ସରକାର ଏକ କୃଷି କ୍ୟାବିନେଟ ଗଠନ କରିଛନ୍ତି । ୨୦୧୩ ବର୍ଷ ପ୍ରଣିତ ହୋଇଥିବା ରାଜ୍ୟ କୃଷି ନୀତି ଅନ୍ତର୍ଗତ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଅନେକ ଆକର୍ଷଣୀୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

ରାଜ୍ୟ ସରକାର ୧% ସୁଧରେ କୃଷକଙ୍କୁ ଫସଲ ଋଣ ଯୋଗାଇ ଦେଉଅଛନ୍ତି । ମୁଖ୍ୟତଃ ଭାଗଚାଷୀଙ୍କୁ ନେଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯୁଗ୍ମଦେୟ ଗୋଷ୍ଠୀ (Joint Liability Group) ମାନଙ୍କୁ ଆର୍ଥିକ ଅନୁଷ୍ଠାନ ମାନଙ୍କରୁ ଋଣ ଯୋଗାଇ ଦିଆଯାଇଛି । ୫ବର୍ଷ ମଧ୍ୟରେ ଓଡ଼ିଶାରେ ଅତିରିକ୍ତ ୧୦ ଲକ୍ଷ ହେକ୍ଟର ପରିମିତ ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା ଏବଂ ମାର୍ଚ୍ଚ ୨୦୧୯ ସୁଦ୍ଧା ଏହି ଲକ୍ଷ୍ୟ ହାସଲ ହେବା ଦିଗରେ ଆମେ ଅଗ୍ରସର । ବର୍ତ୍ତମାନର କେତୋଟି ଉଲ୍ଲେଖନୀୟ ପଦକ୍ଷେପ ମଧ୍ୟରୁ ଓଡ଼ିଶା କ୍ଷୁଦ୍ରଶସ୍ୟ ମିଶନ ୧୪ଟି ଆଦିବାସୀ ବହୁଳ ଜିଲ୍ଲାର ବୃଷ୍ଟିପୁଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ତତ୍‌ସହିତ ୨ଲକ୍ଷ ହେକ୍ଟର ପରିମିତ ଜମିରେ ପ୍ରାମାଣିକ ଜୈବିକ କୃଷି କରାଯିବାକୁ ଏକ ଜୈବିକ କୃଷିନୀତି ପ୍ରଣିତ ହୋଇଅଛି ।

## କୃଷକ ତଥ୍ୟ

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୩୨.୮୦ ଲକ୍ଷ ଚାଷୀ ଏବଂ ୨୪.୨୦ ଲକ୍ଷ କୃଷି ଶ୍ରମିକ ଅଛନ୍ତି ଯେଉଁମାନେ କି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଓ ବର୍ଷକୁ ଅନ୍ତତଃ ୬ମାସ ବା ତଦୁର୍ଦ୍ଧ୍ୱ ସମୟ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ନିଜକୁ ନିୟୋଜିତ କରିଥାନ୍ତି । ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅନ୍ୟୁନ ୩୦.୧ ଲକ୍ଷ (୯୨%) କ୍ଷୁଦ୍ର ଓ ନାମମାତ୍ର ଅଟନ୍ତି ।

## ସରକାରୀ ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର

ହିତାଧିକାରୀଙ୍କ ଖାତାକୁ ସରକାରୀ ରିହାତିର ପ୍ରତ୍ୟକ୍ଷ ହସ୍ତାନ୍ତରଣ ଅନୁଭୂତିର ବିଶ୍ଳେଷଣରୁ ଜଣାଯାଏ ଯେ ଚାଷୀମାନଙ୍କୁ ଏହାଦ୍ୱାରା ଶୀଘ୍ରତାର ସହ ଅର୍ଥ ଉପଲବ୍ଧ କରାଯାଇ ପାରୁଛି । ନିର୍ଦ୍ଧାରିତ ହିତାଧିକାରୀ ଅର୍ଥ ପାଇବାକୁ ଏହା ନିଶ୍ଚିତ କରାଏ ଏବଂ ଚାଷୀ ଯେପରି ଉଚିତ ମନେକରିବ ସେହିପରି ଉପଯୋଗ କରିବାକୁ ସ୍ୱାଧିନତା ରହିଛି । ଏହି ବ୍ୟବସ୍ଥାରେ ଅନେକ କୃଷି ପରିବାରକୁ ସହାୟତା ଦିଆଯାଇପାରିବ । ଏହି ବ୍ୟବସ୍ଥା କେବଳ କୃଷି ଋଣ ନେଇଥିବା ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ହୋଇନଥିବା ହେତୁ ଏଥିରେ ଅନେକ କୃଷି ପରିବାରଙ୍କୁ ସହାୟତା ଦିଆଯାଇପାରିବ । ଏହା ଏକ ଉନ୍ନତ ଓ ପ୍ରଗତିଶୀଳ ପ୍ରକ୍ରିୟା, ଯେହେତୁ ଭୂମିହୀନ ଚାଷୀ ଏବଂ ଯେଉଁ ଚାଷୀ ବ୍ୟାଙ୍କ ବ୍ୟବସ୍ଥା ସହ ଜଡ଼ିତ ନୁହଁନ୍ତି (ଯଥା– ଭାଗ ଚାଷୀ), ସେମାନେ ଅନ୍ତର୍ଭୁକ୍ତ ହୋଇପାରିବେ । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଯୋଜନା ଯଥା କାଳିଆ (KALIA) ବିଭିନ୍ନ କାର୍ଯ୍ୟାବଳୀକୁ ନେଇ ପ୍ରସ୍ତୁତ କରାଯାଇଛି ।

## "କାଳିଆ" ଯୋଜନାର ବୈଶିଷ୍ଟ୍ୟ : KALIA (ଜୀବିକା ଓ ଆୟବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା)

## ୧) ଚାଷ ପାଇଁ ଚାଷୀଙ୍କୁ ସହାୟତା

କୃଷକମାନେ ଯେପରି ପୁନଶ୍ଚ ଋଣ ଯନ୍ତାରେ ପଡ଼ି ନ ଯାଆନ୍ତି ଏହାକୁ ନିଶ୍ଚିତ କରିବାକୁ 'କାଳିଆ' ଯୋଜନାର ଏହି କାର୍ଯ୍ୟକ୍ରମ ୨୦୧୮–୧୯ ରବି ଋତୁରୁ ପ୍ରତ୍ୟେକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ଚାଷ ପାଇଁ ପ୍ରାରମ୍ଭିକ ଆବଶ୍ୟକତା ପୂରଣ ନିମିତ୍ତ କାର୍ଯ୍ୟକାରୀ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଙ୍କୁ ପ୍ରତ୍ୟେକ ଫସଲ ଋତୁରେ କୃଷି ସାମଗ୍ରୀ ଯଥା– ବିହନ, ସାର, ରୋଗ/ପୋକ ମରା ଔଷଧ, ଶ୍ରମିକ ମଜୁରୀ ଏବଂ ଚାହିଦା ମୁତାବକ ଅନ୍ୟାନ୍ୟ କୃଷି କାର୍ଯ୍ୟ ନିମନ୍ତେ ୫,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ । ତେଣୁ ଖରିଫ ଓ ରବି ଋତୁକୁ ମିଶାଇ ବର୍ଷରେ ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମୋଟ ୧୦,୦୦୦ (ଦଶ ହଜାର) ଟଙ୍କା ପାଇବେ । ଚାଷୀର ଜମି ପରିମାଣ ଉପରେ ପର୍ଯ୍ୟବେସିତ ହୋଇ ନଥିବାରୁ ଏହି କାର୍ଯ୍ୟକ୍ରମ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ହିତପାଇଁ ଅଧିକ ଲାଭଦାୟୀ । କୃଷି ଉପରେ ନିର୍ଭର କରୁଥିବା ୩୨ ଲକ୍ଷ ୪୬ ହଜାର ଚାଷୀଙ୍କ ମଧ୍ୟରୁ ଶତକଡ଼ା ୯୨ ଭାଗ (୩୦ ଲକ୍ଷ ୧୭୬ ଜଣ) କ୍ଷୁଦ୍ର ଓ ନାମମାତ୍ର ଚାଷୀ । ସୂଚନା ଯୋଗ୍ୟ ଯେ ଏହି ସହାୟତା ରାଶି ୨୦୧୮–୧୯ରୁ ୨୦୨୦–୨୧ ପର୍ଯ୍ୟନ୍ତ ୫ ଗୋଟି ଫସଲ ଋତୁରେ ବ୍ୟାପକ ଭାବେ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ବାର୍ଷିକ ୩୦୧୬ କୋଟି ଟଙ୍କା ଆବଶ୍ୟକ ହେବ ।

## ୨) ଭୂମିହୀନ କୃଷି ପରିବାରଙ୍କୁ ଜୀବନ ଜୀବିକା ସହାୟତା

ଏକାକୀ ଶ୍ରମିକ ମଜୁରୀ ଆୟ ଯଥେଷ୍ଟ ନଥିବାରୁ ଗ୍ରାମାଞ୍ଚଳରେ ଭୂମିହୀନ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପଶୁପାଳନ ଓ ମତ୍ସ୍ୟଚାଷ ବିଶେଷ ଗୁରୁତ୍ୱ ବହନ କରେ । ଗ୍ରାମାଞ୍ଚଳରେ ଆନୁସଙ୍ଗିକ କୃଷି ଯଥା- ଛେଳି ଚାଷ, ମେଣ୍ଢା ଚାଷ, କୁକୁଡ଼ା ଚାଷ, ଛତୁଚାଷ, ମହୁଚାଷ ଏବଂ ମତ୍ସ୍ୟ ଚାଷ ଆଦି ଅତିରିକ୍ତ କାର୍ଯ୍ୟକ୍ରମ ବିଶେଷ ଗୁରୁତ୍ୱ ବହନ କରେ ଯାହା ସେମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନ ଧାରଣରେ ମୁଖ୍ୟରୂପରେ ସହାୟକ ହୋଇଥାଏ । ତେଣୁ ୨୦୧୮-୧୯ ରୁ ୨୦୨୦-୨୧ ପର୍ଯ୍ୟନ୍ତ ଏହି ୩ ବର୍ଷରେ ୧୦ ଲକ୍ଷ ଭୂମିହୀନ ପରିବାରଙ୍କୁ ଆନୁସଙ୍ଗିକ କୃଷି ପାଇଁ ସହାୟତା ଦେବାକୁ ପ୍ରସ୍ତାବ ରଖାଯାଇଛି । ତତ୍‌ସହିତ ଏହି କାର୍ଯ୍ୟକ୍ରମରେ ବିଶେଷ ଭାବେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିର ଲୋକମାନେ ଉପକୃତ ହୋଇପାରିବେ । କାର୍ଯ୍ୟକ୍ରମ ଗୁଡ଼ିକ ହେଲା-

କ) କ୍ଷୁଦ୍ର ଛେଳି ଚାଷ ୟୁନିଟ୍

ଖ) କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ୍

ଗ) ଦ୍ୱିମୁଖୀ ସ୍ୱଚ୍ଛ ସାମଗ୍ରୀ ବୈଷୟିକ ପକ୍ଷୀ ୟୁନିଟ୍

ଘ) ବତକ ୟୁନିଟ୍

ଙ) ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ଉପକରଣ ଯୋଗାଣ

ଚ) ଛତୁ ଚାଷ ଏବଂ ମହୁଚାଷ

ସରକାରଙ୍କ ଅନ୍ୟାନ୍ୟ ଯୋଜନା ସହାୟତାରେ ଚାଳିଆ ନିର୍ମାଣ କରାଯିବ ଏବଂ କ୍ଷୁଦ୍ର କୁକୁଡ଼ା ୟୁନିଟ୍ ପାଇଁ କୁକୁଡ଼ା ଗୃହ ନିର୍ମାଣ କରାଯିବ । ପ୍ରାଣୀ ସମ୍ପଦ କ୍ଷେତ୍ରରେ ୭ଲକ୍ଷ ପରିବାର, ମତ୍ସ୍ୟ ଚାଷ କ୍ଷେତ୍ରରେ ୧ଲକ୍ଷ ପରିବାର ଓ ଉଦ୍ୟାନକୃଷି କ୍ଷେତ୍ରରେ ୨ଲକ୍ଷ ପରିବାରଙ୍କୁ ଅନ୍ତର୍ଭୁକ୍ତ କରିବାକୁ ସ୍ଥିର କରାଯାଇଛି ।

ଭୂମିହୀନ ପରିବାର ନିଜ ପସନ୍ଦର ଯେକୌଣସି ଗୋଟିଏ ଜୀବିକା କାର୍ଯ୍ୟକ୍ରମ ସ୍ଥିର କରିବାର ସୁଯୋଗ ରହିଛି । ପ୍ରତ୍ୟେକ ପରିବାର ନିମନ୍ତେ ପ୍ରତ୍ୟେକ କାର୍ଯ୍ୟକ୍ରମର ଏକକ ଖର୍ଚ୍ଚ ଅଟକଳ ୧୨ ହଜାର ୫୦୦ ଟଙ୍କା ରଖାଯାଇଛି । ଏହି କାର୍ଯ୍ୟକ୍ରମର ଖର୍ଚ୍ଚ ବାବଦକୁ ୧୦ ଲକ୍ଷ ପରିବାକୁ ଏହି ୩ ବର୍ଷରେ ୧୨୫୦ କୋଟି ଟଙ୍କା ଯୋଗାଇ ଦିଆଯିବ ।

## ୩) ଦୁର୍ବଳ କୃଷି ପରିବାରଙ୍କୁ ଆର୍ଥିକ ସହାୟତା

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କୃଷିସହାୟତା, ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନଜୀବିକା ସହାୟତା ପ୍ରସ୍ତାବ ଥିବାବେଳେ, କେତେକ ଚାଷୀ ବୟସାଧିକ ଯୋଗୁଁ ଚାଷ କରିନପାରନ୍ତି ଓ କେତେକ କୃଷି ଶ୍ରମିକ ଜୀବନ ଜୀବିକା କାର୍ଯ୍ୟକ୍ରମର ସୁଫଳ, ବୟସାଧିକ, ରୋଗ, ଅକ୍ଷମତା ବା ଯେକୌଣସି ଅନ୍ୟ କାରଣ ଯୋଗୁଁ ପାଇ ନପାରନ୍ତି । ତେଣୁ ଏହି ଦୁର୍ବଳ ଶ୍ରେଣୀର ଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ପରିବାର ପ୍ରତି ଏକକାଳୀନ ୧୦ ହଜାର ଟଙ୍କାର ସହାୟତା ସେମାନଙ୍କର ପ୍ରତିପୋଷଣ ପାଇଁ ପ୍ରଦାନ କରାଯିବ । ଗ୍ରାମ ପଞ୍ଚାୟତ ମାଧ୍ୟମରେ ଯୋଗ୍ୟ ପରିବାର ଚିହ୍ନଟ କରାଯିବ । ଆଗାମୀ ୨ ବର୍ଷରେ ଏହିପରି ୧୦ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଆକଳନ କରାଯାଇଛି । କୌଣସି ବ୍ୟକ୍ତିଙ୍କୁ ଗୋଟିଏରୁ ଅଧିକ ସହାୟତା ପ୍ରଦାନ କରାଯିବ ନାହିଁ ତାହା କୃଷି ସହାୟତା ହେଉ ଅବା ଜୀବନଜୀବିକା ସହାୟତା ହେଉ ଅବା ଆର୍ଥିକ ଦୁର୍ବଳ ପରିବାର ସହାୟତା ହେଉ । ତେଣୁ ଏହି କାର୍ଯ୍ୟକ୍ରମରେ ବାର୍ଷିକ ୫୦୦ କୋଟି ଟଙ୍କା ଆବଶ୍ୟକ ପଡ଼ିବ ।

## ୪. କୃଷକ ଓ ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ଜୀବନ ବୀମା ସହାୟତା

କୃଷକମାନଙ୍କର ଜୀବନରେ ଅକାଳ ମୃତ୍ୟୁ ଓ ଅସାମର୍ଥ୍ୟ ସଙ୍କଟ ରହିଅଛି । ବୀମା ସହାୟତା ଏହି ଅନିଶ୍ଚିତତା ଗୁଡ଼ିକୁ ହ୍ରାସ କରିବ ଏବଂ ସେମାନଙ୍କର ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବ । ଏହି ଅନିଶ୍ଚିତତା ପରିପ୍ରେକ୍ଷୀରେ ମୃତକ କୃଷକମାନଙ୍କର ପରିବାର ସଭ୍ୟମାନଙ୍କୁ ଓ ନିର୍ଭର କରୁଥିବା ସଭ୍ୟମାନଙ୍କୁ ଆର୍ଥିକ ସହାୟତା ଓ ନିରାପତ୍ତା ଦେବା ମୁଖ୍ୟ ଲକ୍ଷ୍ୟ ଅଟେ । ସମସ୍ତ ୧୮ରୁ ୫୦ ବର୍ଷ ବୟସ୍କ ସଞ୍ଚୟ ବ୍ୟାଙ୍କ୍ ଖାତାଧାରୀଙ୍କ ପାଇଁ ନାମକୁ ମାତ୍ର ୩୩୦ ଟଙ୍କା ପ୍ରିମିୟମ ଦେୟ ପ୍ରତିବଦଳରେ ଭାରତୀୟ ଜୀବନ ବୀମା ନିଗମ ୨ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇଦେବ । ଓଡ଼ିଶା ସରକାର ଏହି ବାର୍ଷିକ ପ୍ରିମିୟମ୍ ଦେୟର ହିତାଧିକାରୀ ଚାଷୀଙ୍କ ଅଂଶଧନ ବାବଦକୁ ୧୬୫ ଟଙ୍କା ବହନ କରିବେ ।

ସେହିପରି ସମସ୍ତ ୧୮ରୁ ୫୦ ବର୍ଷ ବୟସ୍କ ସଞ୍ଚୟ ବ୍ୟାଙ୍କ୍ ଖାତାଧାରୀଙ୍କ ପାଇଁ ନାମକୁ ମାତ୍ର ବର୍ଷିକ ପ୍ରମିୟମ ରାଶି ୧୨ ଟଙ୍କା ପ୍ରତିବଦଳରେ ଭାରତୀୟ ଜୀବନ ବୀମା ନିଗମ ମଧ୍ୟ ୨ ଲକ୍ଷ ଟଙ୍କା ବ୍ୟକ୍ତିଗତ ଦୁର୍ଘଟଣା ଜନିତ ବୀମାରାଶି ବହନ କରିବ । ଏହି ମୋଟ ୧୨ ଟଙ୍କା ପ୍ରିମିୟମ୍ ମଧ୍ୟରୁ ଚାଷୀଙ୍କ ଅଂଶ ୬ ଟଙ୍କା ଅଟେ ଯାହାକି ଓଡ଼ିଶା ସରକାର ବହନ କରିବେ । ୫୧ ବର୍ଷରୁ ୭୦ ବର୍ଷ ବୟସ୍କ ଚାଷୀମାନଙ୍କ ପାଇଁ ସମୁଦାୟ ୧୨ ଟଙ୍କାର ପ୍ରିମିୟମ୍ ରାଶି ଓଡ଼ିଶା ସରକାର ବହନ କରିବେ ।

ଏହି ବୀମାରେ ଉଭୟ ଚାଷୀ ଓ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିବା ଭୂମିହୀନ କୃଷି ଶ୍ରମିକଙ୍କୁ ମିଶାଇ ମୋଟ ୫୭ ଲକ୍ଷ ଜଣ ଉପକୃତ ହେବେ ।

ଯେଉଁ ଚାଷୀମାନେ ପୂର୍ବରୁ ଏହିପରି ସମାନ ଯୋଜନାରେ ବୀମାଭୁକ୍ତ ହୋଇଛନ୍ତି ସେମାନଙ୍କୁ ଏହି ସୁବିଧାରୁ ବାଦ୍ ଦିଆଯିବ । ଏହି ଯୋଜନାର ବାର୍ଷିକ ବ୍ୟୟ ଅଟକଳ ହାରାହାରି ୮୫ କୋଟି ।

### ୫. ବିନା ସୁଧରେ ଫସଲ ଋଣ

୨୦୧୯-୨୦ ବର୍ଷ ଠାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ବର୍ତ୍ତମାନର ସୁଧହାର ୧% ରୁ ୦%କୁ ହ୍ରାସ କରିବା ପାଇଁ ପ୍ରସ୍ତାବ ରହିଛି । ଯେହେତୁ ବାର୍ଷିକ ହାରାହାରି ୧୧ ହଜାର କୋଟି ଫସଲ ଋଣ ଦିଆଯାଉଛି, ଏହି ସୁଧହାର ହ୍ରାସ ବାବଦକୁ ବାର୍ଷିକ ଅନ୍ୟୁନ ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ।

### କାର୍ଯ୍ୟାନ୍ୱୟନ ପାଇଁ ନିୟମାବଳୀ

କ) ପ୍ରତ୍ୟେକ ଚାଷୀ ପରିବାର, ନିଜେ ଚାଷୀ ଓ ତାଙ୍କର ସ୍ୱାମୀ /ସ୍ତ୍ରୀ ସହିତ ନିର୍ଭରଶୀଳ ସନ୍ତାନମାନଙ୍କୁ ନେଇ ଗଠିତ । ଚାଷୀମାନେ ନିଶ୍ଚିତ ଭାବେ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

ଖ) ଚାଷୀମାନେ କିମ୍ବା ତାଙ୍କର ସ୍ୱାମୀ /ସ୍ତ୍ରୀ ଆୟକର ଦାତା କିମ୍ବା ସରକାରୀ ଓ ଅର୍ଦ୍ଧ ସରକାରୀ ସଂସ୍ଥାର କର୍ମଚାରୀ ହୋଇ ନ ଥିବେ ।

ଗ) ଯେଉଁ କ୍ଷେତ୍ରରେ ସମ୍ଭବ, ଉକ୍ତ ଦେୟ ସିଧାସଳଖ ଅନ୍‌ଲାଇନ୍‌ରେ ପରିବାରମୁଖ୍ୟଙ୍କ ବ୍ୟାଙ୍କ୍‌ଖାତାକୁ ସ୍ଥାନାନ୍ତର କରାଯିବ । ଅଧିକ ସ୍ୱଚ୍ଛତା ପାଇଁ ଯେଉଁଠାରେ ସମ୍ଭବ ହିତାଧିକାରୀଙ୍କୁ ପ୍ରଥମ ଦେୟ କ୍ୟାମ୍ପ୍ /ଶିବିର ଆୟୋଜନ କରି ଚେକ୍ ଜରିଆରେ ପ୍ରଦତ୍ତ ହେବ ।

ଘ) କାର୍ଯ୍ୟାନ୍ୱୟନ ଭିତ୍ତିରେ ସୁଚିତ ପ୍ରକୃତ ସଂଖ୍ୟା ଭିନ୍ନ ହୋଇପାରେ ।

ଙ) ଏହି ଯୋଜନାର ଅନୁଧ୍ୟାନ ପାଇଁ ଏକ ସୂଚନା ପରିଚାଳନା ପୋର୍ଟାଲ୍ (MIS) ବିକଶିତ ହେବ ।

ଚ) ଏହି ପାଣ୍ଠି / ଦେୟ ନିରାପତ୍ତା ଉପାୟରେ କାରବାର ପାଇଁ ରାଜ୍ୟସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି ଏହାର ବୈଷୟିକ ପଦ୍ଧତି ନିର୍ଦ୍ଧାରଣ କରିବ ।

ଛ) କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ କୃଷି ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ ଓ ସମବାୟ ବିଭାଗ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ସମ୍ପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟାନ୍ୱୟନ ପାଇଁ ସବିଶେଷ ମାର୍ଗଦର୍ଶିକା ନିର୍ଦ୍ଧାରିତ ହେବ ।

ଜ) ଏହି ଯୋଜନାର ସମୀକ୍ଷା ଓ ଅନୁଧ୍ୟାନ ପାଇଁ ଏବଂ ଆବଶ୍ୟକମତେ ଉକ୍ତ ଯୋଜନାରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ନିମନ୍ତେ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ କମିଟି ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠିତ ହେବ ।

ଝ) ନିର୍ବିଘ୍ନ ଭାବରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ, ସମବାୟ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଗୁଡ଼ିକର ପ୍ରମୁଖ ଶାସନ ସଚିବ / ସଚିବ ମାନଙ୍କୁ ନେଇ ଗଠିତ ହେବ । ଆବଶ୍ୟକ ମତେ ସେମାନେ ବୈଠକ ଆୟୋଜନ କରିବେ ।

## ବ୍ୟୟ ଅଟକଳ

ପ୍ରାରମ୍ଭିକ ସ୍ତରରେ କାର୍ଯ୍ୟାକ୍ରମଓ୍ୱାରୀ ଆର୍ଥିକ ବ୍ୟବସ୍ଥା ନିମ୍ନ ପ୍ରକାରେ ପ୍ରଦତ୍ତ କରାଗଲା ।

| କ୍ର.ସଂ. | କାର୍ଯ୍ୟକ୍ରମ | ହିତାଧିକାରୀ ସଂଖ୍ୟା | ସହାୟତା ସୀମା |
|---|---|---|---|
| ୧ | ଚାଷ ପାଇଁ ଚାଷୀଙ୍କୁ ସହାୟତା | **୩୦ଲକ୍ଷ ୧୭୬** ଚାଷୀ | ଫସଲ ଋତୁ ପ୍ରତି ଓ କୃଷକ ପରିବାର ପ୍ରତି **୫ ହଜାର ଟଙ୍କା** |
| ୨ | ଭୂମିହୀନ କୃଷି ପରିବାରଙ୍କୁ ଜୀବନ ଜୀବିକା ସହାୟତା | ୩ ବର୍ଷରେ **୧୦ ଲକ୍ଷ** ଭୂମିହୀନ କୃଷି ଶ୍ରମିକ | ପରିବାର ପ୍ରତି **୧୦ ହଜାର ଟଙ୍କା** |
| ୩ | ଦୁର୍ବଳ କୃଷି ପରିବାରଙ୍କୁ ଆର୍ଥିକ ସହାୟତା | ପ୍ରତ୍ୟେକ ବର୍ଷ **୫ ଲକ୍ଷ** ପରିବାର | ପରିବାର ପ୍ରତି **୧୦ ହଜାର ଟଙ୍କା** |
| ୪ | କୃଷକ ଓ ଭୂମିହୀନ କୃଷି ଶ୍ରମକଙ୍କୁ ଜୀବନ ବୀମା ସହାୟତା | **୩୨ ଲକ୍ଷ ୮୦ ହଜାର** କୃଷକ ଓ **୨୪ ଲକ୍ଷ ୨୦ ହଜାର** ଭୂମିହୀନ କୃଷି ଶ୍ରମିକ | ହିତାଧିକାରୀ (୧୮ରୁ ୫୦ ବର୍ଷ ବୟସ) ପ୍ରତି **୧୭୧ ଟଙ୍କା**<br>୫୦ରୁ ୭୦ବର୍ଷ ବୟସର ଚାଷୀଙ୍କୁ ଅତିରିକ୍ତ **୧୨ ଟଙ୍କା**ର ସହାୟତା |
| ୫ | ସୁଧ ବିହୀନ କୃଷି ଋଣ | ୨୦ ଲକ୍ଷ କୃଷକ | ବାର୍ଷିକ **୧୧୦ କୋଟି** ଟଙ୍କାର ଅତିରିକ୍ତ ସୁଧ ସହାୟତା |

## ଆବଶ୍ୟକ ପାଣ୍ଠି

ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ପାଣ୍ଠିର ମୋଟ ଆବଶ୍ୟକତା ନିମ୍ନ ପ୍ରକାରେ ସୂଚିତ କରାଯାଇଛି ।

| କ୍ର.ସଂ. | କାର୍ଯ୍ୟକ୍ରମ | ଟଙ୍କା (କୋଟିରେ) |
|---|---|---|
| ୧ | କୃଷକଙ୍କୁ ଚାଷ ପାଇଁ ସହାୟତା | ୭୫୪୦ |
| ୨ | ଭୂମିହୀନ କୃଷି ଶ୍ରମିକଙ୍କପାଇଁ ଜୀବନଜୀବିକା ସହାୟତା | ୧୨୫୦ |
| ୩ | ଦୁର୍ବଳ କୃଷି ପରିବାରକୁ ଆର୍ଥିକ ସହାୟତା | ୧୦୦୦ |
| ୪ | କୃଷକ ଓ ଭୂମିହୀନ କୃଷି ପରିବାରକୁ ଜୀବନ ବୀମା ସହାୟତା | ୧୭୦ |
| ୫ | ସୁଧ ବିହିନ କୃଷିଋଣ | ୨୨୦ |
| **ମୋଟ ଆବଶ୍ୟକତା** | | **୧୦୧୮୦** |

ବି.ଦ୍ର. : ପ୍ରଥମ ବର୍ଷ ଯାହାକି ୨୦୧୮-୧୯ ବର୍ଷରେ ୨% ପ୍ରଶାସନିକ ଖର୍ଚ୍ଚ ଏବଂ ପରବର୍ତ୍ତି ୨ ବର୍ଷରେ ୧% ପ୍ରଶାସନିକ ଖର୍ଚ୍ଚ ପ୍ରଦାନ କରାଯିବ ।

## ସମୀକ୍ଷା

ସାମଗ୍ରିକ କୃଷକ କଲ୍ୟାଣର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବାକୁ ଦୃଷ୍ଟିରେ ରଖି ୨୦୨୦-୨୧ରେ ଏହି ଯୋଜନାର ଏକ ସମୀକ୍ଷା କରାଯିବ ଏବଂ କାର୍ଯ୍ୟାନ୍ୱୟନ ଅନୁଭୂତିକୁ ନେଇ ଆବଶ୍ୟକ ପରିବର୍ତ୍ତନ ଅନୁମୋଦନ କରାଯିବ ।

## ନିର୍ଦ୍ଦେଶନାମା

ଏହି ବିଜ୍ଞପ୍ତି ଓଡ଼ିଶା ଗେଜେଟ୍ ଅସାଧାରଣ ସଂଖ୍ୟାରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

**ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ**

**(ଡ. ସୌରଭ ଗର୍ଗ)**
**ପ୍ରମୁଖ ଶାସନ ସଚିବ, ଓଡ଼ିଶା**

ଜ୍ଞାପକ ସଂଖ୍ୟା: **୨୩୧୩୧** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ନିର୍ଦ୍ଦେଶକ, ଲିଖନ ସାମଗ୍ରୀ ଓ ପ୍ରକାଶନ, ଓଡ଼ିଶା, କଟକଙ୍କୁ ପ୍ରେରଣ କରାଗଲା ଓ ଏହି ବିଜ୍ଞପ୍ତିକୁ ଓଡ଼ିଶା ଗେଜେଟ୍ ଅସାଧାରଣ ସଂଖ୍ୟାରେ ପ୍ରକାଶନ କରିବାକୁ ଏବଂ ଏହାର ୧୦୦ କିତା ନକଲ ଏହି ବିଭାଗକୁ ଯଥାଶୀଘ୍ର ପ୍ରେରଣ କରିବାକୁ ଅନୁରୋଧ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୨** ତା **୨୨.୧୨.୨୦୧୮** ରିଖ

ସଂଲଗ୍ନକ ପତ୍ର ଓ ସଫ୍ଟ କପି ସହିତ ଏହି ବିଜ୍ଞପ୍ତିର ନକଲ ବାଣିଜ୍ୟ ଓ ପରିବହନ ବିଭାଗ ଅଧିନସ୍ଥ ଓଡ଼ିଶା ଗେଜେଟ କକ୍ଷର ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରେରଣ କରାଗଲା ଏବଂ ଏହାକୁ ପରବର୍ତ୍ତୀ ଓଡ଼ିଶା ଗେଜେଟର ଅସାଧାରଣ ସଂଖ୍ୟାରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୩** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ଓଡ଼ିଶା ପୋର୍ଟାଲ ମୁଖ୍ୟ, ସୂଚନା ଓ ବୈଷୟିକ କେନ୍ଦ୍ର, ସଚିବାଳୟ, ଓଡ଼ିଶାଙ୍କ ସୂଚନା ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ବିଜ୍ଞପ୍ତିକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୱେବ୍‌ସାଇଟରେ ଅପଲୋଡ୍ କରିବାକୁ ଅନୁରୋଧ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୪** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ରାଜ୍ୟପାଳଙ୍କ ପ୍ରମୁଖ ସଚିବ / ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶାଙ୍କୁ ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିହିତ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୫** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ମାନ୍ୟବର ଅର୍ଥମନ୍ତ୍ରୀ, ଓଡ଼ିଶାଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ମନ୍ତ୍ରୀ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶାଙ୍କ ବ୍ୟକ୍ତିଗତ ସଚିବ /ମାନ୍ୟବର ମନ୍ତ୍ରୀ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଓଡ଼ିଶାଙ୍କ ବ୍ୟକ୍ତିଗତ ସଚିବଙ୍କୁ ମାନ୍ୟବର ମନ୍ତ୍ରୀଙ୍କ ବିହିତ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୬** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / କୃଷି ଉତ୍ପାଦନ କମିଶନରଙ୍କ ବ୍ୟକ୍ତିଗତ ସଚିବ / ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବ / ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗଙ୍କ ବ୍ୟକ୍ତିଗତ ସଚିବ / ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗଙ୍କ ବ୍ୟକ୍ତିଗତ ସଚିବଙ୍କୁ ମୁଖ୍ୟ ଶାସନ ସଚିବ, ଓଡ଼ିଶା /ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା / କୃଷି ଉତ୍ପାଦନ କମିଶନର, ଓଡ଼ିଶା / ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା / ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା / ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶାଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୭** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ମହାଲେଖାଗାର, ଓଡ଼ିଶା, ଭୁବନେଶ୍ୱରଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୮** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ ସମସ୍ତ ବିଭାଗ / ସମସ୍ତ ବିଭାଗୀୟ ମୁଖ୍ୟ / ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର / ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା / ନିର୍ଦ୍ଦେଶକ, ଉଦ୍ୟାନକୃଷି, ଓଡ଼ିଶା / ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ , ଓଡ଼ିଶା / ସମସ୍ତ ଜିଲ୍ଲାପାଳ / ସମସ୍ତ କୃଷି ଉପ ନିର୍ଦ୍ଦେଶକ / ସମସ୍ତ ଉଦ୍ୟାନକୃଷି ଉପ ନର୍ଦ୍ଦେଶକ/ ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକାଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: **୨୩୧୩୯** ତା **୨୨.୧୨.୨୦୧୮** ରିଖ

ଏହାର ଏକକିତା ନକଲ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସମସ୍ତ ଅଧିକାରୀ / ଗାର୍ଡ ଫାଇଲ (୧୦ କିତା ନକଲ) ଙ୍କ ସୂଚନା ନିମନ୍ତେ ପ୍ରେରଣ କରାଗଲା ।

**ସ୍ୱା-**
**ଅତିରିକ୍ତ ଶାସନ ସଚିବ**